# Akashvani, Sambalpur

## SAMBALPURI NEWS EVENING BULLETIN

## 28 February 2026-7.02- 7.12 pm.

---

୧- କିଶୋରୀମାନ୍‌କର୍ ଲାଗି ଜରାୟୁ କର୍କଟ ନିରୋଧୀ ଟୀକାକରଣ ଅଭିଯାନ୍‌ର ଶୁଭାରମ୍ଭ କଲେ ପ୍ରଧାନ୍‌ମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ନ ହେଇଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌କେ ମୁଲ୍ କଲେ ମୁଖ୍ୟମନ୍ତ୍ରୀ ।

- ୨୮ ଟା ଆମ୍ବୁଲେନ୍ସର କଲେ ଲୋକାର୍ପଣ୍ ।

୨- ରାଜ୍ୟସଭା ନିର୍ବାଚନ୍ ଲାଗି ୨ ଝନ୍ ପ୍ରାର୍ଥୀଙ୍କର୍ ନାଁ ଘୋଷ୍‌ନା କଲା ବିଜେଡ଼ି ।

୩- ଓଡ଼ିଶା ଗସ୍ତଥି ଆସିଥିବା ମହାନଦୀ ଜଳବିବାଦ ପ୍ରାଧିକରଣ ଦଲ୍ ଆଏଜ୍ ଆକାଶ୍‌ମାର୍ଗନୁ ହୀରାକୁଦ୍ ଡେମ୍ ଆଉ ମହାନଦୀ ଅବବାହିକାର୍ କଲେ ସର୍ବେକ୍ଷଣ୍ ।

ଆଉର୍

୪- ପୁଣ୍ୟତିଥି ଅବ୍‌ସରେ ସମ୍ବଲ୍‌ପୁର୍ ଉଲ୍‌ଗୁଲାନ୍‌ର ପ୍ରମୁଖ ନେତା ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି ଜନାଲେ ରାଜ୍ୟବାସୀ ।

ଏଚ୍‌ପିଭି ଟୀକାକରଣ     ପି.ଆଇ.ବି./ଆଇ.ଆଣ୍ଡ୍.ପି.ଆର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସାରା ଦେଶେ ହ୍ୟୁମାନ୍ ପାପିଲୋମା ଭାଇରସ୍- ଏଚ୍‌ପିଭି ଟୀକାକରଣ୍‌ର ଶୁଭାରମ୍ଭ କରିଛନ୍ । ଦେଶ୍‌କେ ଆଏବା ଦିନେ ଜରାୟୁ କର୍କଟ ରୋଗ୍‌ନୁ ମୁକ୍ତ କର୍‌ବାର୍ ଲାଗି ୧୪ ବଛର୍‌ନୁ କମ୍ ବୟସର୍ ଟୁକେଲ୍ ଛୁଆମାନ୍‌କୁ ଇ ଟୀକା ଦିଆଯିବା । ରାଜସ୍ଥାନ୍‌ର ଆଜ୍‌ମେର୍ ଠାନେ ଟୀକାକରଣ୍ ଅଭିଯାନ୍‌ର ଶୁଭାରମ୍ଭ କରିକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଦେଶେ ମହିଲା ସଶକ୍ତିକରଣ୍ ଦିଗେ ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ । ମହିଲାମାନ୍‌କର୍ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ସୁରକ୍ଷାକେ ଇଟା ଗୁରୁତ୍ୱପୂର୍ଣ୍ଣ ସହଯୋଗ୍ କର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ ଆଶ୍ କରିଛନ୍ । ସାରାଦେଶେ ମହିଲା ସଶକ୍ତିକରଣ୍ ଦିଗେ ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନଉଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ପ୍ରଧାନ୍‌ମନ୍ତ୍ରୀ)

ଟୀକାକରଣ୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ଟୁକେଲ୍ ଛୁଆମାନ୍‌କର୍ ସଙ୍ଗେ ଭାବ୍ ବିନିମୟ କରିଥିଲେ । ଇତାର୍‌ସହେତେ ରାଜସ୍ଥାନ୍ ନ

ଆଏଜ୍ ୧୬ ହଜାର୍ କୋଟି ନୁ ଅଏତ୍କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ ଭିଲ୍ କରିଛନ୍ ।

ଭୁବ୍‌ନେଶ୍ୱର୍ କୃଷି ଭବନ୍ ପରିସର୍ ନ ହେଇଥିବା ରାଜ୍ୟସ୍ତରୀୟ ଟୀକାକରଣ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ଆଏବା ୩ ମାସ୍ ଭିତ୍‌ରେ ଟୀକାକରଣ୍ କାର୍ଯ୍ୟକ୍ରମ୍‌କେ ତୁର୍‌ତି କରାଯିବା । ପହେଲା ମାସେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ, ଜିଲ୍ଲା ଚିକିତ୍ସାଳୟ ମାନ୍‌କେ ଟୀକା ଦିଆଯବା । ତାର୍ ଉତ୍‌ରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍‌କେ ଟୀକା ଦିଆଯିବା । ଟୀକାକରଣ୍ ପ୍ରକ୍ରିୟାକେ ସହଜ୍, ସରଲ୍ କର୍‌ବାର୍ ଲାଗି ୟୁ-ୱିନ୍ ପୋର୍ଟାଲ୍‌ର ବ୍ୟବସ୍ଥା କରାଯାଇଛେ । କାର୍ଯ୍ୟକ୍ରମ୍‌କେ ସଫଲ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଅବ୍‌ସରେ ଅଭିଯାନ୍‌ଥି ନିୟୋଜିତ୍ ସବୁ ଲୁକ୍‌କୁ ଆହ୍ୱାନ୍ ଦେଇଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୨୮ ଟା ୧୦୮ ଆମ୍ବୁଲେନ୍ସର ଲୋକାର୍ପଣ୍ କରିଛନ୍ ।

ରାଜ୍ୟସଭା ବିଜେଡ଼ି ପ୍ରାର୍ଥୀ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟସଭା ନିର୍ବାଚନ୍ ଲାଗି ବିରୋଧୀ ଦଲର୍ ନେତା ଆଉ ବିଜୁ ଜନତା ଦଲର୍ ସଭାପତି ନବୀନ୍ ପଟ୍ଟନାୟକ୍ ଆଏଜ୍ ୨ ଝନ୍ ପ୍ରାର୍ଥୀଙ୍କର୍ ନାଁ ଘୋଷ୍‌ନା କରିଛନ୍ । ୩ ନମ୍ବର୍ ଆସନ୍ ଲାଗି ପହେଲା ପ୍ରାର୍ଥୀଭାବେ ଡକ୍ଟର୍ ସନ୍ତୃପ୍ତ ମିଶ୍ର ଆଉ ୪ ନମ୍ବର୍ ଆସନ୍ ଲାଗି ୨ ନମ୍ବର୍ ପ୍ରାର୍ଥି ଭାବେ ଡାକ୍ତର୍ ଦତେଶ୍ୱର ହୋତାଙ୍କର୍ ନାଁ ଘୋଷ୍‌ନା କରିଛନ୍ । ଡାକ୍ତର୍ ହୋତାଙ୍କୁ ଶ୍ରୀ ପଟ୍ଟନାୟକ୍ ସାଧାରଣ ପ୍ରାର୍ଥୀଭାବେ ଘୋଷ୍‌ନା କରିକରି ସମର୍ଥନ୍ କର୍‌ବାର୍‌କେ ରାଜନୈତିକ୍ ଦଲ୍‌ମାନ୍‌କୁ ଅନୁରୋଧ୍ କରିଛନ୍ । ସୂଚ୍‌ନା ଅନ୍‌ସାରେ ଡକ୍ଟର୍ ମିଶ୍ର -ନବୀନ୍ ପଟ୍ଟନାୟକଙ୍କର୍ ରାଜନୈତିକ୍ ସଚିବ ଦାୟିତ୍ୱଥି ଅଛନ୍ । ସେଆଡ଼େ ବିଶିଷ୍ଟ ୟୁରୋଲୋଜିଷ୍ଟ ଡାକ୍ତର୍ ହୋତା ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଲୟର୍ ପହେଲା କୁଲପତି ଆଉ କଟକ୍ ଏସ୍‌ସିବି ମେଡ଼ିକାଲ୍ କଲେଜ୍ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲେଇ ସାରିଛନ୍ ।

ବିକାଶ ମନ୍ଥନ କାର୍ଯ୍ୟକ୍ରମ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ନ ଯୋଜ୍‌ନା ଆଉ ସଂଯୋଜନ ବିଭାଗ୍ ଆଉ ରାଜ୍ୟ ସମନ୍ୱିତ ବିକାଶ୍ କେନ୍ଦ୍ର ତର୍‌ଫୁ ବିକାଶ ମନ୍ଥନ କାର୍ଯ୍ୟକ୍ରମ୍‌ର ୨ ନମ୍ବର୍ ଦିନେ ଆଏଜ୍ ସଖାଲ୍‌ବେଲା ସୁରକ୍ଷିତ ଓଡ଼ିଶା ଅଧିବେଶନ୍ ମୁଲ୍ ହେଇଥିଲା । ବରିଷ୍ଠ ନୀତି ନିର୍ଦ୍ଧାରକ ଆଉ ବିଶେଷଜ୍ଞ ମାନେ ଗୁଟେ ସୁରକ୍ଷିତ୍ ଥିତି ଭବିଷ୍ୟତ୍ ସଙ୍ଗେ ପ୍ରସ୍ତୁତ୍ ରାଜ୍ୟ ଗଠନ୍‌ର ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରିଥିଲେ ।

୨ ନମ୍ବର୍ ଅଧିବେଶନ୍‌ଥି ସମୃଦ୍ଧ ଓଡ଼ିଶାଥି ରାଜ୍ୟକେ ଗୁଟେ ଉଚ୍ଚ ଅଭିବୃଦ୍ଧିଶୀଳ ଆଉ ଭବିଷ୍ୟତ୍ ପ୍ରସ୍ତୁତ୍ ଅର୍ଥନୀତି ଦିଗେ ଆଗ୍‌କେ ନେବାର୍ ଲାଗି ରୋଡ୍‌ମେପ୍ ପ୍ରଦର୍ଶନ୍ କରାଯାଇଥିଲା । ଅଧିବେଶନ୍‌ଥି ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇକରି ରାଏଜେ ଶିଳ୍ପ ସମ୍ପ୍ରସାରଣ୍, ସେବା କ୍ଷେତ୍ର୍‌ର୍ ରୂପାନ୍ତରଣ୍, ସହରୀ ସଂସ୍କାର୍, ପରିବହନ ବ୍ୟବସ୍ଥାକେ ବର୍‌କସ୍ ଆଉ ଗ୍ରାମୀଣ୍ ଅର୍ଥନୀତିର୍ ପୁନରୁଦ୍ଧାର୍ ପ୍ରସଙ୍ଗଥି ଆଲୋଚନା କରିଥିଲେ ।

ଆକାଶ୍ ମାର୍ଗ ପ୍ରତିରକ୍ଷା ବ୍ୟବସ୍ଥା          ଏନ୍‌ଏସ୍‌ଡି

ଓଡ଼ିଶାର୍ ଚାନ୍ଦିପୁର୍ ସମନ୍ୱିତ ପରୀକ୍ଷଣ ଘାଟିନୁ କମ୍ ଦୂରଗାମୀ ଆକାଶ୍ ମାର୍ଗ ପ୍ରତିରକ୍ଷା ବ୍ୟବସ୍ଥାର୍ ଉଡ଼ାଣ୍ ପରୀକ୍ଷଣ ସଫଲତାର୍ ସହେତେ କରାଯାଇଛେ । ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍ ଡିଆର୍‌ଡିଓ ତର୍‌ଫୁ ୩ ଟା କମ୍ ଦୂରଗାମୀ ଆକାଶମାର୍ଗ ପ୍ରତିରକ୍ଷା ବ୍ୟବସ୍ଥାର୍ ଉଡ଼ାଣ କରାଯାଇଥିଲା । ଇ ବାବ୍‌ଦେ ପ୍ରତିରକ୍ଷା ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଇ ପରୀକ୍ଷଣ ଭିନ୍ ଭିନ୍ ସ୍ତର୍‌ଥି ରହିଥିବା ଆହ୍ୱାନ୍‌କେ ସଫଲତାର୍ ସହେତେ ପ୍ରତିହତ୍ କର୍‌ବାର୍ ସହେତେ ଲକ୍ଷ୍ୟଭେଦ୍ କରିଥିଲା ବଲି ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ମହାନଦୀ ଟ୍ରିବ୍ୟୁନାଲ୍ ପ୍ରାଧିକରଣ୍          ସମ୍ବଲପୁର ସମ୍ବାଦଦାତା

ଓଡ଼ିଶା ଗସ୍ତଥି ଆସିଥିବା ମହାନଦୀ ଜଳ ବିବାଦ୍ ପ୍ରାଧିକରଣ୍ ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ଆଉ ସଦସ୍ୟମାନେ

ଆଏଜ୍ ଆକାଶ୍‌ମାର୍ଗନୁ ହୀରାକୁଦ୍ ଡେମ୍ ଆଉ ମହାନଦୀ ଅବବାହିକାର୍ ସର୍ବେକ୍ଷଣ୍ କରିଛନ୍ । ତାର୍ ଆଘୋନୁ ପ୍ରାଧିକରଣ୍ ଦଲ୍ ସଖାଲ୍‌ବେଲା ସମ୍ବଲ୍‌ପୁର୍‌ର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ଦର୍ଶନ୍ କରିଛନ୍ । ଗଲାକାଏଲ୍ ପ୍ରାଧିକରଣ୍ ଦଲ୍ ହୀରାକୁଦ୍ ବନ୍ଧାକେ ଯାଇକରି ଡେବ୍ରିଫାଲର୍ ସ୍ପିଲ୍‌ୱେ, ପାୱାର୍ ହାଉସ୍, କମାଣ୍ଡ ଏରିଆ ଆଉ ବର୍‌ଗଡ୍ କେନାଲ୍ ନ କ୍ଷେତ୍ର ପରିଦର୍ଶନ୍ କରିଥିଲେ । ସର୍ଭେ ଉତ୍‌ରୁ ପ୍ରାଧିକରଣ୍ ସଦସ୍ୟ ଭୁବ୍‌ନେଶ୍ୱର୍ ଯିବାର୍ କାର୍ଯ୍ୟସୂଚୀ ରହିଛେ ।

ଜାଗା ମାନ୍‌କର୍ ଓଡ଼ିଆ ନାଁ ସଂଶୋଧନ୍ ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶାର୍ ଯେନ୍ ଜାଗା ମାନ୍‌କର୍ ସର୍‌କାରୀ ନାଁ ଇଂରାଜୀଥି ଅପଭ୍ରଂଶ କରାଯାଇଛେ । ସେ ଜାଗା ମାନ୍‌କର୍ ମୁଲ୍ ଓଡ଼ିଆ ନାଁ ଫେର୍‌ଘାଏ ପ୍ରଚଲନ୍ କର୍‌ବାର୍ ପ୍ରସ୍ତାବ୍ ପଠାବାର୍‌କେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ବିଭାଗ୍ ତର୍‌ଫୁ ଜିଲ୍ଲାପାଲ୍ ମାନ୍‌କୁ ଚିଠି କରାଯାଇଛେ । ଜିଲ୍ଲା, ଜିଲ୍ଲା

ମୁଖ୍ୟାଲୟ, ଉପଖଣ୍ଡ, ବ୍ଲକ୍ ଆଉ ତହସିଲ୍ ବାଗିର୍ ରାଜ୍ୟର୍ ଭିନ୍ ଭିନ୍ ଜାଗାର୍ ନାଁ ଯଦି ତାଙ୍କର୍ ପ୍ରାମାଣିକ୍ ଓଡ଼ିଆ ନାମକରଣ୍ରେ ଅପଭ୍ରଂଶ କରିକରି ଲେଖାଯାଉଛେ, ସସବୁର ମୁଲ୍ ଓଡ଼ିଆ ନାଁକେ ଫେର୍‌ଘାଏ ପ୍ରଚଲନ୍ କର୍‌ବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ ।

ମୁଖ୍ୟମନ୍ତ୍ରୀ -ବୀର ସୁରେନ୍ଦ୍ର ସାଏ   ଆଇ.ଆଣ୍ଡ୍.ପି.ଆର୍

ବୀର ସୁରେନ୍ଦ୍ର ସାଏଙ୍କର୍ ଶହେ ୪୨ ତମ ଶ୍ରାଦ୍ଧବାର୍ଷିକୀ ଅବ୍‌ସରେ ରାଏଜେ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛେ । ବ୍ରିଟିଶ୍ ମାନ୍‌କର୍ ବିରୋଧ୍‌ଥି ଆନ୍ଦୋଲନ୍ କରିକରି ସେତେବେଲର୍ କେନ୍ଦ୍ରୀୟ ପ୍ରଦେଶ୍ ଆଉ ଇହିଛିନିର୍ ଅସିରଗଡ଼ ଜେଲ୍ ନ ବନ୍ଦ୍ ଥିବାର୍ ବେଲେ ୧୮୮୪ ମସିହା ଫେବୃଆରୀ ୨୮ ତାରିଖ୍ ଦିନ ତାଙ୍କର୍ ମୃତ୍ୟୁ ହେଇଥିଲା । ସୁରେନ୍ଦ୍ରେ ସାଏଙ୍କର୍ ଶ୍ରାଦ୍ଧଦିବସ ଆଏଜ୍ ବିଧାନ୍‌ସଭା ପରିସର୍ ନ ହେଇଯାଇଛେ । ଇ ଅବ୍‌ସରେ ବାଚସ୍ପତି ସୁରମା ପାଢ଼ୀ, ସରକାରୀ ଦଲର୍ ମୁଖ୍ୟ ସଚେତକ ସରୋଜ୍ ପ୍ରଧାନ୍‌ଙ୍କର୍ ସହେତେ ଭିନ୍ ଭିନ୍

ଦଳର୍ ବିଧାୟକ୍‌ମାନେ ଉପସ୍ଥିତ୍ ରହିକରି ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତିଥି ଫୁଲ୍‌ମାଲ୍ ଚଢ଼େଇକରି ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ମହୋଦଧି ଦିବ୍ୟସ୍ନାନ ପୁରୀ ସମ୍ବାଦଦାତା

ଗୋବିନ୍ଦ ଦ୍ୱାଦଶୀ ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମହୋଦଧି ଦିବ୍ୟସ୍ନାନ ହେଇଯାଇଛେ । ମହୋଦଧି ନ କୁମ୍ଭରାଶିଥି ସୂର୍ଯ୍ୟଙ୍କର୍ ଅବସ୍ଥାନ୍ ଥିବାର୍‌ନୁ ଆଏଜ୍ ଇ ସ୍ନାନ କଲେ ପୂଣ୍ୟମିଲ୍‌ସି ବଲି ବିଶ୍ୱାସ୍ ରହିଛେ । ସଖାଲର ୧୦ ବାଜିକରି ୧୮ ମିନିଟ୍‌ନୁ ଦିନର୍ ୧ ବଜେତକ୍ ସ୍ନାନଯୋଗ ରହିଥିଲା । ଆଏଜ୍ ସଖାଲର୍ ସାଢ଼େ ୮ ବଜେନୁ ମାହାପୁରୁଙ୍କର୍ ଆଜ୍ଞାମାଳ ଆସ୍‌ବାର୍‌ନୁ ଏମାର୍ ମଠନୁ ଗୁଟେ ଶୋଭାଯାତ୍ରା ବାହାରିକରି ସ୍ୱର୍ଗଦ୍ୱାର ନ ଥିବା ଶ୍ରୀନାରାୟଣ ବିଜେ ଘାଟକେ ଯାଇଥିଲା । ତାର୍ ଉତ୍‌ରୁ ମହାଦଧି ନ ବରୁଣ ପୂଜା ଆଉ ଆଲ୍‌ତୀ କରାଯାଇକରି ସ୍ନାନପର୍ବ ହେଇଥିଲା ।

ଅଗ୍ନିବୀର୍- ପ୍ରବେଶିକା ପରୀକ୍ଷା             ବର୍‌ଗଡ୍ ସମ୍ବାଦଦାତା

୨୦୨୬-୨୭ ବଛରେ ଭାରତୀୟ ସେନାର୍ ଅଗ୍ନିପଥ ଯୋଜ୍‌ନା ଆଉ ନିୟମିତ କେଡ଼ର୍ ନିଯୁକ୍ତି ଲାଗି ସାଧାରଣ ପ୍ରବେଶିକା ପରୀକ୍ଷା କର୍‌ବାର୍‌କେ ପଞ୍ଜିକରଣ୍ ପ୍ରକ୍ରିୟା ଫେବୃଆରୀ ୧୩ ତାରିଖ୍‌ନୁ ମୁଲ୍ ହେଇଛେ । ଇ ପ୍ରକ୍ରିୟା ଏପ୍ରିଲ୍ ୧ ତାରିଖ୍‌ତକ୍ ଚାଲ୍‌ବା । ଯୋଗ୍ୟ ଆଶାୟୀମାନେ www.joinindianarmy.nic.in ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ । ଇ ବାବ୍‌ଦେ କେନ୍‌ସି ପ୍ରଶ୍ନର୍ ଉତର୍ ପାଏବାର୍‌କେ ସମ୍ବଲପୁର, ବର୍‌ଗଡ୍, ବଲାଙ୍ଗିର୍, ଦେବ୍‌ଗଡ୍, ଝାର୍‌ସୁଗୁଡ଼ା, ସୁବର୍ଣ୍ଣପୁର୍, ସୁନ୍ଦର୍‌ଗଡ୍, ଅନୁଗୁଲ୍, ଢେଙ୍କାନାଲ୍ ଆଉ କେନ୍ଦୁଝର୍ ଜିଲ୍ଲାର୍ ଆଶାୟୀମାନେ ସମ୍ବଲ୍‌ପୁର୍ ସେନା ନିଯୁକ୍ତି କାର୍ଯ୍ୟାଳୟ ସାଙ୍ଗେ ଯୋଗାଯୋଗ୍ କରିପାର୍‌ବେ ।

ଜାତୀୟ ବିଜ୍ଞାନ୍ ଦିବସ୍            ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶର୍ ମହାନ୍ ପଦାର୍ଥ ବିଜ୍ଞାନୀ ସାର. ସି.ଭି. ରମଣଙ୍କର୍ ଆବିଷ୍କାର୍ ରମଣ୍ ରଶ୍ମି ବା ରମଣ ଇଫେକ୍ଟକେ ସୁରତା କରିକରି ଆଏଜ୍ ଜାତୀୟ ବିଜ୍ଞାନ୍ ଦିବସ୍ ପାଲନ୍ କରାଯାଉଛେ । ସାର. ସି.ଭି. ରମଣ୍ ୧୯୨୮ ମସିହା ଆଝିରର୍ ଦିନେ ରମଣ୍ ଇଫେକ୍ଟ ଆବିଷ୍କାର୍ କରିଥିଲେ । ଇ ଆବିଷ୍କାର୍ ଲାଗି ୧୯୩୦ ମସିହାଥି ତାଙ୍କୁ ନୋବେଲ୍ ପୁରସ୍କାର୍ ଦିଆଯାଇଥିଲା । ଜାତୀୟ ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟା ଆଉ ଯୋଗାଯୋଗ୍ ପରିଷଦ୍ ତର୍ଫୁ ୧୯୮୬ ମସିହାନୁ ଇ ଦିନ୍‌କେ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ବିଜ୍ଞାନ୍ ଦିବସ୍‌ର ବାର୍ତା ହେଉଛେ "ବିଜ୍ଞାନ କ୍ଷେତ୍ରଥି ମହିଲା- ବିକଶିତ ଭାରତ ସପନ୍‌କେ ଗତିଶୀଳ କର୍‌ବାର୍' । ବିଜ୍ଞାନ୍ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁଆନ୍ ପିଢ଼ିକେ ସଶକ୍ତ କର୍‌ବାର୍ ସହେତେ ଗବେଷଣା, ଜାତୀୟ ବିକାଶ୍ ଆଉ ବିଶ୍ୱ କଲ୍ୟାଣ୍ ଲାଗି ପ୍ରଯୁକ୍ତି ବିଦ୍ୟାକେ ଉପଯୋଗ୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଇ ଅବ୍‌ସରେ ଶୁଭେଚ୍ଛା ବାର୍ତା ଜନେଇଛନ୍ ।

ଜାତୀୟ ବିଜ୍ଞାନ୍ ଦିବସ-୧ ବୌଦ୍ଧ/କଳାହାଣ୍ଡି ସମ୍ବାଦଦାତା

ବୌଦ୍ଧ ନ ଆଏଜ୍ ଜାତୀୟ ବିଜ୍ଞାନ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଅଧ୍ୟାପକ ଡକ୍ଟର୍ ପ୍ରବୀର୍ କୁମାର୍ ଦାସ ଯୋଗ୍ ଦେଇକରି ବିଜ୍ଞାନ୍ ଦିବସ୍ ଆଉ ସି.ଭି. ରମଣ୍‌ଙ୍କର୍ ଆବିଷ୍କାର୍ ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ବିଜ୍ଞାନ୍ ପ୍ରକଳ୍ପ ମାନ୍ ପ୍ରଦର୍ଶନ୍ କରିଥିଲେ । ବିଜ୍ଞାନ୍ ପ୍ରଶ୍ନୋତର୍ ପ୍ରତିଯୋଗିତା କରାଯାଇକରି କୃତୀମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଓୟୁଏଟି ପରିସର୍ ନ ହେଇଥିବା ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ୍ ଦିବସ୍ ଅବ୍‌ସରେ ଅତିରିକ୍ତ ଜିଲ୍ଲାପାଳ୍ ତନ୍ମୟ ଦର୍‌ଓ୍ୱାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଜ୍ଞାନ୍‌ର ପ୍ରୟୋଗ୍ ବାବ୍‌ଦେ ବୁଝେଇଥିଲେ । ଇ ଅବ୍‌ସରେ ବାର୍ଷିକ ବିଜ୍ଞାନ ପତ୍ରିକା 'ବିଜ୍ଞାନ ମାଣିକ୍ୟ' ଉନ୍ମୋଚନ୍ କରାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନେ ବିଜ୍ଞାନ୍ ପ୍ରକଳ୍ପ ପ୍ରଦର୍ଶନ୍ କରିଥିଲେ ।